**ଆଜି କ'ଣ କେଉଁଠି**

ସିମୁଳିଆ
- ରକ୍ତଦାନ ଶିବିର। ସ୍ଥାନ: ରାମକୃଷ୍ଣପୁର। ସମୟ: ପୂର୍ବାହ୍ନ ୯ଟା ୩୦।

# ଦୁର୍ବଳ ନଦୀବନ୍ଧ, ବିପଦରେ ୫ହଜାର ଲୋକ

**ମାନସ ବିଶ୍ୱାଳ**
**ବାଲେଶ୍ୱର ଅଫିସ, ୧୩।୬**

ବାଲେଶ୍ୱର ଜିଲା ଦେଇ ବହିଯାଇଥିବା ବୁଢ଼ାବଳଙ୍ଗ ନଦୀକୂଳରେ ଅବସ୍ଥିତ ପୁରୁଣା ବାଲେଶ୍ୱର ଅଞ୍ଚଳ। ଅଳ୍ପ ଦୂରରେ ଏହି ନଦୀ ବଙ୍ଗୋପସାଗରରେ ମିଶିଛି। କେବଳ ବର୍ଷାଦିନେ ନୁହେଁ ସମୁଦ୍ରରେ ଜୁଆର ଓ ଭଟ୍ଟା ପାଣିରେ ବର୍ଷତମାମ୍ ନଦୀ ପରିପୂର୍ଣ୍ଣ ଥାଏ। ନଦୀର ବାମପାର୍ଶ୍ୱ ପୋତି ହୋଇଆସୁଥିବା ବେଳେ ଦକ୍ଷିଣପାର୍ଶ୍ୱ କୂଳ ଖାଉଛି। ବର୍ଷାଦିନ ଆସିଲେ ନଦୀକୂଳରେ ବସବାସ କରୁଥିବା ପ୍ରାୟ ୫ହଜାର ଲୋକ ଆତଙ୍କିତ ଅବସ୍ଥାରେ ସମୟ ଅତିବାହିତ କରନ୍ତି। ନଦୀର କୂଳ ଖାଉଥିବା ଅଞ୍ଚଳରେ ଜଳସେଚନ ବିଭାଗ ବନ୍ଧ ଦେଇ ଧନଜୀବନ ରକ୍ଷା କରିବା ପରିବର୍ତ୍ତେ ବିଭାଗୀୟ ଅଧିକାରୀଙ୍କର ଖାମଖିଆଲି ମନୋଭାବ ଯୋଗୁ ନଦୀବନ୍ଧ ମରାମତି କିମ୍ବା ସୁଦୃଢ଼ୀକରଣ ହୋଇପାରୁନାହିଁ।

ନଦୀକୂଳଠାରୁ ଅନତି ଦୂରରେ ବସବାସ କରୁଥିବା ବାଲେଶ୍ୱର ପୌରପାଳିକା ଅଧୀନ ୧ନମ୍ବର ୱାର୍ଡ଼ ପୁରୁଣା ବାଲେଶ୍ୱର ଅଞ୍ଚଳର ଶହ ଶହ ପରିବାର ଏବେ ବନ୍ଧର ଜରାଜୀର୍ଣ୍ଣ ଅବସ୍ଥାକୁ ନେଇ ଆତଙ୍କିତ। କିଛିବର୍ଷ ତଳେ ନଦୀ ଡାହାଣପାର୍ଶ୍ୱରେ ଥିବା ଏକ ଦୁଇମହଲା କୋଠାଘର ସହ ପାଖାପାଖି ୧କି.ମି. ଲମ୍ବର ବନ୍ଧ ନଦୀ ଭିତରକୁ ଭୁଶୁଡ଼ିଯାଇଥିଲା। ଜଳସେଚନ ବିଭାଗ ସେଠାରେ ୪୦ଲକ୍ଷ ଟଙ୍କା ଖର୍ଚ୍ଚ କରି ବାଲିବସ୍ତା ପକାଇବା ସହ ପଥର ପ୍ୟାଚିଂ କରିଥିଲା। କିନ୍ତୁ ନଦୀ ଗତିପଥ ବଦଳୁଥିବାରୁ ଉକ୍ତ ପଥର ପ୍ୟାଚିଂ ମଧ୍ୟ ଧୀରେ ଧୀରେ ନଦୀଗର୍ଭରେ ଲୀନ ହେବାକୁ ବସିଛି। ୧ ନମ୍ବର ୱାର୍ଡ଼ରେ ପ୍ରାୟ ୫ହଜାର ଲୋକଙ୍କ ମଧ୍ୟରୁ ଅଧାଲୋକଙ୍କ ଘର ଉକ୍ତ ନଦୀବନ୍ଧ କୂଳରେ ରହିଛି। ନଦୀର ଗତିପଥ ପରିବର୍ତ୍ତନ ଯୋଗୁ ଡାହାଣ ପାର୍ଶ୍ୱରେ ପ୍ରଖର ସୁଅ ପିଟି ହେଉଛି। ଯେଉଁଥିପାଇଁ ନଦୀବନ୍ଧ ଦୁର୍ବଳ ହେଉଛି ବୋଲି ପାଟଣାସାହି, ମଲ୍ଲଡ଼ିହ, ତୁଳସୀପଦା, ଉଡ଼ାପଦା, ଗଙ୍ଗାରାମପାଟଣା, କାରଖାନାଗଡ଼ି, ମାହାନାପୁର, ପାତ୍ରସାହି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଅଞ୍ଚଳବାସୀ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ



କୂଳ ଖାଉଛି ବୁଢ଼ାବଳଙ୍ଗ ନଦୀ।

କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ପ୍ରତିବର୍ଷ ବର୍ଷାଦିନ ଆସିଲେ ଜିଲା ପ୍ରଶାସନ ପକ୍ଷରୁ ବନ୍ୟା ମୁକାବିଲା ବୈଠକରେ ନଦୀବନ୍ଧଗୁଡ଼ିକର ସୁରକ୍ଷା ଓ ମରାମତି ବାବଦରେ ଆଲୋଚନା କରାଯାଇଥାଏ। ତେବେ ସ୍ଥାୟୀ ପ୍ରତିକାର ଦୂରେ ଥାଉ, ବର୍ଷାଋତୁ ପୂର୍ବରୁ ଏ କାମ କେବେ କରାଯାଏନାହିଁ। ଅନ୍ୟପକ୍ଷରେ ବୁଢ଼ାବଳଙ୍ଗ ନଦୀର ଏହି ଅଞ୍ଚଳକୁ ସମ୍ପୂର୍ଣ୍ଣ ଭାବେ ପଥର ପ୍ୟାଚିଂ କରିବା ପାଇଁ ୨୦୧୬-୧୭ ଆର୍ଥିକ ବର୍ଷରେ ୫କୋଟି ୮୩ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। କିନ୍ତୁ ଉକ୍ତ କାମ କେବଳ ଘୋଷଣାରେ ସୀମିତ ହୋଇ ରହିଗଲା। ୨୦୨୦ ବାଲେଶ୍ୱର ନିର୍ବାଚନମଣ୍ଡଳୀ ଉପନିର୍ବାଚନ ପୂର୍ବରୁ ପୁରୁଣା ବାଲେଶ୍ୱରବାସୀଙ୍କ ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଥରପ୍ୟାଚିଂ ପାଇଁ ତୁରନ୍ତ ୫କୋଟି ଟଙ୍କା ଅନୁଦାନ ଦିଆଯିବ ବୋଲି କହିଥିଲେ। ନିର୍ବାଚନ ସରିବାର ୬ମାସ ବିତିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ୍। ବାରମ୍ବାର ଲଘୁଚାପଜନିତ ବାତ୍ୟା ଏବଂ ଆଗକୁ ବର୍ଷାଦିନ ଆସୁଥିବାରୁ ଏବେଠୁ ଲୋକଙ୍କ ଆଖିରୁ ନିଦ ହଜିଗଲାଣି। କେଉଁ ମୁହୂର୍ତ୍ତରେ ସମ୍ପୂର୍ଣ୍ଣ ଜନବସତି ନଦୀଗର୍ଭକୁ ଚାଲିଯିବ ସେ ଆଶଙ୍କାରେ ସଭିଏଁ ପ୍ରମାଦ ଗଣୁଛନ୍ତି। ଅଥଚ ବିଭାଗୀୟ ଅଧିକାରୀଙ୍କ ପାଇଁ ଏହା କିଛି ଫରକ ପଡୁନି। କୋଭିଡ୍ ଆଳରେ ବନ୍ଧ ମରାମତି ଭଳି ଜରୁରୀ କାମକୁ ଏଡ଼ାଇ ଚାଲିଛନ୍ତି।

ଏ ସମ୍ପର୍କରେ ବାଲେଶ୍ୱର ବିଧାୟକ ସ୍ୱରୂପ ଦାସ କହନ୍ତି, ବୁଢ଼ାବଳଙ୍ଗ ନଦୀର ଦୁର୍ବଳବନ୍ଧ ସମ୍ପର୍କରେ ଅବଗତ ରହିଛି। ସରକାରଙ୍କ ପକ୍ଷରୁ ଆଡମିନିଷ୍ଟ୍ରେଟିଭ୍ ଓ ଟେକ୍ନିକାଲ କମିଟି ପକ୍ଷରୁ ମଞ୍ଜୁରୀ ହୋଇସାରିଛି। ଏବେ କେଉଁ ଫଣ୍ଡରୁ କରାଯିବ ତାହା ବାକି ରହିଛି। ଖୁବ୍‌ଶୀଘ୍ର ନଦୀବନ୍ଧ କାର୍ଯ୍ୟ ଆରମ୍ଭ ହେବ।

## ବିଦ୍ୟୁତ୍ ଅଧିକାରୀଙ୍କୁ ମାଡ଼ ଅଭିଯୋଗ

**ଖଇରା, ୧୩।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ଉପଖଣ୍ଡରେ ବିଦ୍ୟୁତ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଆକାଂକ୍ଷା କମ୍ପାନୀ କୋଷାଧ୍ୟକ୍ଷ ଅଶୋକ ଦାସ ମହାପାତ୍ରଙ୍କୁ ନଟାପଡା ଗ୍ରାମର କେତେଜଣ ଯୁବକ ମାଡ ମାରିବା ପରେ ଘରେ ତାଲା ପକାଇଦେଇଥିବା ଖଇରା ଥାନାରେ ଅଭିଯୋଗ ହୋଇଛି। ଶନିବାର ସନ୍ଧ୍ୟାରେ ଅଶୋକ ଅନ୍ୟ ୨ଜଣ ସହଯୋଗୀଙ୍କ ସହ କାର୍ଯ୍ୟାଳୟରେ ହିସାବପତ୍ର କାମ କରୁଥିବା ବେଳେ କେତେଜଣ ଯୁବକ କାର୍ଯ୍ୟାଳୟରେ ପହଞ୍ଚି ବାରମ୍ବାର ବିଦ୍ୟୁତକାଟକୁ ନେଇ ଗଣ୍ଡଗୋଳ କରି କାର୍ଯ୍ୟାଳୟର ଆସବାବପତ୍ର ଭାଙ୍ଗି ଦେଇଥିଲେ। ପରେ ଯୁବକମାନେ ଅଶୋକ ଏବଂ ତାଙ୍କ ସହଯୋଗୀଙ୍କୁ ଜବରଦସ୍ତ ଗ୍ରାମକୁ ନେଇ ଘରେ ତାଲା ବନ୍ଦ କରି ରଖିଥିଲେ। ପରେ କେତେଜଣ ବ୍ୟକ୍ତି ତାଙ୍କୁ ସେଠାରୁ ଉଦ୍ଧାର କରିଥିଲେ। ବାରମ୍ବାର ବିଦ୍ୟୁତ କାଟ ନେଇ ଅଧିକାରୀଙ୍କୁ ପଚାରିବାରୁ ସେମାନଙ୍କୁ ଗାଳିଗୁଲଜ କରିବାରୁ ପାଟିତୁଣ୍ଡ ହୋଇଥିବା ଗ୍ରାମର ଯୁବଗୋଷ୍ଠୀ କହିଛନ୍ତି। ତଦନ୍ତ ପରେ ଯାହା ପଦକ୍ଷେପ ନିଆଯିବ ବୋଲି ଖଇରା ପୋଲିସ କହିଛି।

## ମହିଳା ବନରକ୍ଷୀଙ୍କୁ ସମ୍ବର୍ଦ୍ଧନା

**ଲଙ୍ଗଳେଶ୍ୱର, ୧୩।୬(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅଧୀନ ମଧୁପୁରା କୋଷ୍ଟ କେନାଲ ରୋଡ଼ରେ ଦୁର୍ବୃତ୍ତଙ୍କୁ ଗୋଡ଼ାଇ ବାଘ ଛାଲ ଜବତ କରିଥିବା ଲଙ୍ଗଳେଶ୍ୱର ଫରେଷ୍ଟ ବିଟ୍ ହାଉସ୍‌ରେ କାର୍ଯ୍ୟରତ ମହିଳା ବନରକ୍ଷୀ ସୁଜାତା ଓଝାଙ୍କୁ ମାନପତ୍ର ଏବଂ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ତାପଣ୍ଡିଆ ମନ୍ଦିର ନିର୍ମାଣ କମିଟି ପକ୍ଷରୁ ଏହି ସମ୍ବର୍ଦ୍ଧନା ଦିଆଯାଇଛି।

ଏହି ଅବସରରେ ତାପଣ୍ଡିଆ ନୋଡ଼ାଲ ହାଇସ୍କୁଲ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ସମାଜସେବୀ ତଥା ୨୧ନମ୍ବର ଜୋନ୍ ଜିଲାପରିଷଦ ସଦସ୍ୟ ରବୀନ୍ଦ୍ର ନାଥ ଅଣ୍ଡିଆ, ସମ୍ମାନିତ ଅତିଥି ଭାବରେ କୁମ୍ଭାରୀ ପଞ୍ଚାୟତ ସରପଞ୍ଚ ଜୟନାରାୟଣ ମହାପାତ୍ର, ମନ୍ଦିର ନିର୍ମାଣ କମିଟି ମୁଖ୍ୟ ପରମାନନ୍ଦ ଦେ, ଉପ ମୁଖ୍ୟ ଜୀବନକୃଷ୍ଣ ଗିରି, ଅବସରପ୍ରାପ୍ତ ଶିକ୍ଷକ ରାଧାକୃଷ୍ଣ ଦାସ, ପ୍ରଧାନଶିକ୍ଷକ ସୀତାଂଶୁ ଶେଖର ଦେ, ମନୋଜ କୁମାର ବିଶ୍ୱାଳ, ଲକ୍ଷ୍ମୀଧର ସେଠୀ, ଗୋବିନ୍ଦ ଦାସଙ୍କ ସମେତ ମନ୍ଦିର କମିଟି ସମସ୍ତ ସଦସ୍ୟ ଯୋଗଦେଇ ମହିଳା ବନରକ୍ଷୀଙ୍କ ଏଭଳି ପଦକ୍ଷେପ ପାଇଁ ଧନ୍ୟବାଦ ଦେଇଥିଲେ।

## ଯୁବକଙ୍କ ମୃତଦେହ ଜବତ

**ସଜନାଗଡ଼, ୧୩।୬(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ବେଗୁନିଆ ପଞ୍ଚାୟତ କୁସୁନପୁର ଗ୍ରାମରେ ବାବୁଲି ସିଂ ନାମକ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ରବିବାର ପୂର୍ବାହ୍ନରେ ଘର ପାଖ ବାଡ଼ିରେ ଥିବା ଏକ ଛୋଟ ଗଛରେ ଯୁବକଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଦେଖିବାକୁ ମିଳିଥିଲା। ପରିବାର ଲୋକେ ଏନେଇ ନୀଳଗିରି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୮/୨୧) ରୁଜୁ ହେବା ସହ ତଦନ୍ତ ଜାରି ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଏସ୍‌ଆଇ ବାସୁଦେବ ଜୟସିଂ କହିଛନ୍ତି।



କୋମ୍ବିଂ ଅପରେଶନରେ ବାହାରିଥିବା ବନବିଭାଗ କର୍ମଚାରୀ।

## ଅଖଣ୍ଡ ଶିକାର ରୋକିବା ଲାଗି କୋମ୍ବିଂ ଅପରେଶନ

**ସଜନାଗଡ଼, ୧୩।୬(ଡି.ଏନ.ଏ.)**

ଆଗକୁ ରଜ ସଂକ୍ରାନ୍ତି । ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅନ୍ତର୍ଗତ କୁଲଡିହା ଅଭୟାରଣ୍ୟ ପାଦଦେଶରେ ଥିବା ଗାଁଗୁଡ଼ିକର ଶିକାରୀମାନେ ପ୍ରାଣୀ ଶିକାର ଲାଗି ଅଣ୍ଟା ଭିଡ଼ିଥାନ୍ତି। ସେମାନେ ବନ୍ୟଜନ୍ତୁ ଶିକାର କରି ୪/୫ ଦିନ ଧରି ଭୋଜିଭାତରେ ମସଗୁଲ ରହିଥାନ୍ତି। ଏହାକୁ ରୋକିବା ଲାଗି ବନବିଭାଗ ପକ୍ଷରୁ ରବିବାର କୋମ୍ବିଂ ଅପରେଶନ ଜୋରଦାର କରାଯାଇଛି। ନୀଳଗିରି ରେଞ୍ଜ ଓ କୁଲଡିହା ରେଞ୍ଜର ଅଧିକାରୀ ମନୱାର ଖାଁ କର୍ମଚାରୀମାନଙ୍କୁ କୁଲଡ଼ିହା ସୀମାରେଖା ଉପରେ କଡାକଡି ନଜର ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ଫେରାଇଲେ ଅଳଙ୍କାର ବ୍ୟାଗ

**ଖଇରା, ୧୩।୬(ଡି.ଏନ.ଏ.)**

**ମାନବିକତା ଦେଖାଇଲେ ଶିକ୍ଷକ**

ଆଜି ବି ବଞ୍ଚିଛି ମଣିଷପଣିଆ। ବାଲେଶ୍ୱର ଜିଲା ଖଇରା ବ୍ଲକ କୁରୁଣ୍ଟା ପଞ୍ଚାୟତ ମିରିପୁର ଖଇରା ଗ୍ରାମରେ ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି। ଗତ ୩ଦିନ ତଳେ ମାଣିତ୍ରୀ ପଞ୍ଚାୟତ ବେଗୁନିଆ ଗ୍ରାମର ଏସ୍. କେ. ଉଦ୍ଦିନ ଖିରିପଦା ଗ୍ରାମରେ ନିଜର ସମ୍ପର୍କୀୟ ଘରକୁ ଯାଇ ଫେରୁଥିବା ବେଳେ ରାସ୍ତାର ମିରିପୁର ଖଇରା ଗ୍ରାମର ଶିକ୍ଷକ ରବୀନ୍ଦ୍ର ପତ୍ରୀଙ୍କ ଘର ଆଗରେ ଅଳଙ୍କାର ଓ ପୋଷାକ ଥିବା ବ୍ୟାଗ ଖସିପଡ଼ିଥିଲା। ବ୍ୟାଗକୁ ପାଇ ରବୀନ୍ଦ୍ର ଘରକୁ ଆଣି ବ୍ୟାଗ ଖୋଲି ଦେଖିବା ପରେ ବ୍ୟାଗରେ ପୋଷାକ ଓ ଏକ ପର୍ସରେ ଅଳଙ୍କାର ଥିବା ଦେଖିବାକୁ ପାଇଥିଲେ। ସେ ସ୍ଥାନୀୟ ଗ୍ରାମବାସୀ ରତ୍ନାକର ପଣ୍ଡା ଓ ସଦାନନ୍ଦ ଧଡାଙ୍କର ସହଯୋଗରେ ବିଭିନ୍ନ ଗ୍ରାମକୁ ଖବର ଦେଇଥିଲେ। ରବିବାର ଏସ୍. କେ. ମୁଦ୍ଦିନ ଖବରପାଇ ରବୀନ୍ଦ୍ର ପତ୍ରିଙ୍କ ଘରେ ପହଞ୍ଚି ଉଚିତ ପ୍ରମାଣ ଦେଖାଇ ଜିନିଷ ନେଇଥିବା ଦେଖିବାକୁ ମିଳିଛି। ଯାହାର ମୂଲ୍ୟ ୩୦ହଜାରରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି କୁହାଯାଉଛି। ଏହି ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରୁ ପ୍ରଶଂସା ସୁଅ ଛୁଟିଛି ।



ଶିକ୍ଷକ ରବୀନ୍ଦ୍ର ପତ୍ରୀ ପାଇଥିବା ଅଳଙ୍କାରକୁ ଏସ୍. କେ. ଉଦ୍ଦିନଙ୍କୁ ଫେରାଉଛନ୍ତି।

# ଝୁଲି ରହିଛି ବିଦ୍ୟୁତ୍ ତାର

**ରୂପ୍‌ସା, ୧୩।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରୂପ୍‌ସା ବିଦ୍ୟୁତ ସେକ୍ସନ ଅଧୀନ ରୂପ୍‌ସା ସାମିଲ ହସନପୁର ଗ୍ରାମରେ ଝୁଲି ରହିଥିବା ବିଦ୍ୟୁତ ତାର ବିପଦ ସୃଷ୍ଟି କରିଛି। ଗାଁ ମୁଖ୍ୟ ରାସ୍ତା ଦେଇଯାଇଥିବା ଏହି ବିଦ୍ୟୁତ୍ ତାର ମୁଣ୍ଡ ଉପରେ ଝୁଲି ରହିଥିବାରୁ ଗ୍ରାମବାସୀଙ୍କ ଜୀବନ ବାଜିରେ ଲାଗିଛି। ବାତ୍ୟା 'ୟାସ୍' ପରଠାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। କୋଭିଡ୍ ସମୟରେ ଜରୁରୀ ପରିସ୍ଥିତିରେ ଗ୍ରାମର ମହିଳା, ପୁରୁଷ ସତର୍କତା ଅବଲମ୍ବନ ପୂର୍ବକ ଏହି ରାସ୍ତାରେ ଯା'ଆସ କରୁଥିଲେ ହେଁ ଦୁର୍ଘଟଣା ଆଶଙ୍କା ଥିବାରୁ ଉତ୍ତେଜନା ଦେଖାଦେଇଛି। ବିଦ୍ୟୁତ୍ ବିଭାଗକୁ ଏନେଇ ଗ୍ରାମବାସୀ ବାରମ୍ବାର ଅବଗତ କରାଇଛନ୍ତି, ହେଲେ କୌଣସି ପଦକ୍ଷେପ ନିଆଯାଉନାହିଁ। ବିଭାଗୀୟ କର୍ମଚାରୀଙ୍କ ଅବହେଳା ଓ ଖାମଖିଆଲି ମନୋଭାବ ବିରୋଧରେ ଖୁବ୍‌ଶୀଘ୍ର ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ରୂପ୍‌ସା ବିଦ୍ୟୁତ୍ ସେକ୍ସନ ଜୁନିୟର ମ୍ୟାନେଜର କେ.କେ. ଜେନାଙ୍କୁ ପଚରାଯିବାରୁ ସମସ୍ୟାର ସମାଧାନ ଦିଗରେ ବିଭାଗୀୟ ପଦକ୍ଷେପ ନିଆଯାଉଛି ବୋଲି କହିଛନ୍ତି।

## 'ୟାସ୍' ବିପନ୍ନଙ୍କୁ ରିଲିଫ ବଣ୍ଟନ

**ବାଲିଆପାଳ, ୧୩।୬(ସ୍ୱ.ପ୍ର.)**

ବାତ୍ୟା 'ୟାସ୍' ପ୍ରଭାବରେ ବାଲିଆପାଳ ବ୍ଲକର ଚାଉଳତି, ଡଗରା, ଜୁଗଡ଼ିହା, କଙ୍କଡ଼ାପାଳ, ଚଉମୁଖ, ଡଗରା ଆଦି ଗ୍ରାମରେ ବ୍ୟାପକ କ୍ଷତି ହୋଇଥିଲା। ଜମ୍ବୀରାଇ ପଞ୍ଚାୟତର ଚାଉଳତି ଓ ଡଗରା ଗ୍ରାମର ଯୁଗଡ଼ିହା ଗ୍ରାମରେ ରବିବାର ଲାୟନ୍ସ କ୍ଲବ ପକ୍ଷରୁ ରିଲିଫ୍ ବଣ୍ଟନ କରାଯାଇଛି। ଚାଉଳତି ଗ୍ରାମର କ୍ଷତିଗ୍ରସ୍ତ ୯୮ ପରିବାର ଓ ଯୁଗଡ଼ିହା ଗ୍ରାମର ୧୦୨ପରିବାରଙ୍କୁ ଲାୟନ୍ସ କ୍ଲବ ଇଣ୍ଟରନ୍ୟାଶନାଲ ସହାୟତାରେ ବାଲିଆପାଳ ଲାୟନ୍ସ କ୍ଲବ ସହଯୋଗରେ ରିଲିଫ୍ ବଣ୍ଟନ କରାଯାଇଥିଲା। କ୍ଲବ ସଭାପତି ଲାୟନ ନବୀନ କୁମାର ପାତ୍ର, ସମ୍ପାଦକ ଲାୟନ ତରୁଣ କୁମାର ମହାପାତ୍ର, ଲାୟନ ଅନାଦି ଚରଣ ଗିରି, ଲାୟନ ଗୋବିନ୍ଦ ପ୍ରସାଦ ଦାସ, ଲାୟନ ସଞ୍ଜୟ କୁମାର ଜେନା, ଲାୟନ ଭୁବନ ମୋହନ ପିଳା, ଲାୟନ ଦାମୋଦର ଗିରି, ଲାୟନ ଅନନ୍ତ କୁମାର ଜେନା ଓ ଲାୟନ ଖବରଦାତା ଅଜୟ କୁମାର ସାହୁ ପ୍ରମୁଖ ସାମିଲ ହୋଇ ବିପନ୍ନଙ୍କୁ ରିଲିଫ୍ ସାମଗ୍ରୀ ବଣ୍ଟନ କରିଥିଲେ।

## ନିର୍ମାଣାଧୀନ ପୂଜାମଣ୍ଡପ ଭାଙ୍ଗିଲେ ହାତୀପଲ



**ଉଦଳା, ୧୩।୬(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଉଦଳା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ଦେବକୁଣ୍ଡ ଦେଓ ନଦୀ ଅସ୍ଥି ବିସର୍ଜନ ଘାଟରେ ନିର୍ମାଣାଧୀନ ପୂଜାମଣ୍ଡପକୁ ଶିମିଳିପାଳର ହାତୀପଲ ଭାଙ୍ଗି ଦେଇଛନ୍ତି। ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପାଣ୍ଠିରୁ ୧୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ନୂତନ ପୂଜାମଣ୍ଡପ ନିର୍ମାଣ ଚାଲିଥିଲା। ଶିମିଳିପାଳ ହାତୀପଲ ଏହାକୁ ଭାଙ୍ଗି ଦେଇଥିବାରୁ ବହୁ କ୍ଷତି ହୋଇଛି। ତୁରନ୍ତ ଏହି ପୂଜା ମଣ୍ଡପକୁ ପୁନଃନିର୍ମାଣ କରିବା ନିମନ୍ତେ ବିର୍ସାମୁଣ୍ଡ ସ୍ମୃତି କମିଟି ତରଫରୁ ଦାବି ହୋଇଛି ।

# ଶ୍ରମିକଙ୍କୁ ମିଳୁନି ମଜୁରି

**ସାରସକଣା, ୧୩।୬**

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଅନ୍ତର୍ଗତ ଶୀର୍ଷା ହାଇସ୍କୁଲଠାରୁ ରୁଗୁଡିସାହି ୩ କି.ମି. ରାସ୍ତାର ଉନ୍ନତିକରଣ ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ କାମ ଚାଲିଛି। ଏଥିପାଇଁ ୧କୋଟି ୧୯ ଲକ୍ଷ ୪୬ହଜାର ୫ଶହ ୫୯ ଟଙ୍କା ବ୍ୟୟ ଅଟକଳ ହୋଇଛି। ତେବେ ଏହି କାମରେ ଦୀର୍ଘ ୨ମାସରୁ ଊର୍ଦ୍ଧ୍ୱ ସମୟ ଧରି କାମ କରିବା ପରେ ମଧ୍ୟ ଶ୍ରମିକମାନଙ୍କୁ ସେମାନଙ୍କ ମଜୁରୀ ବାବଦ ଟଙ୍କା ମିଳି ନ ଥିବା ଅଭିଯୋଗ ହୋଇଛି। ରବିବାର ପଦ୍ମିନୀ ବାଗୁଡ଼ି, ଦୀପା ବାଗୁଡ଼ି, ଶିତୟା ବାଗୁଡ଼ି, ଚାରୁ ବାଗୁଡ଼ି, ଗଙ୍ଗା ସାମରାୟ, ପୁଲକି,ଚାରୁ ଦିଗାର,ଗୁରୁବାରି ସିଂ ଓ ରୁନୁ ସିଂଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ମହିଳା ଶ୍ରମିକ ମଜୁରୀ ଦାବିରେ ସେହି ରାସ୍ତାରେ ବସି ରହିଥିଲେ। ଶ୍ରମିକମାନଙ୍କ ଅଭିଯୋଗ ଅନୁଯାୟୀ, ଟଙ୍କା ପାଇଁ ସେମାନେ ବାରମ୍ବାର ଫୋନ କରିବା ସତ୍ତ୍ୱେ ଠିକାଦାର ଫୋନ ରିସିଭ୍ କରୁନାହାଁନ୍ତି। ଏବେ କୋଭିଡ୍ କଟକଣା ସହିତ ପରିବାର ଚଳାଇବା କଷ୍ଟକର ହୋଇପଡୁଥିଲା ବେଳେ ଟଙ୍କା ନ ପାଇ ସମସ୍ତେ କଷ୍ଟରେ ଜୀବନ ଅତିବାହିତ କରୁଛନ୍ତି। ଏ ସଂକ୍ରାନ୍ତରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀଙ୍କ ସହ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

## ବଜ୍ରକାପ୍ତା କାତି ଜବତ ଘଟଣାରେ ଆଉ ଜଣେ ଗିରଫ

**କପ୍ତିପଦା, ୧୩।୬(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଶରତ ଥାନା ଅଧୀନ ବାଲିଚୁଆ ଅଞ୍ଚଳରୁ ୪ କିଲୋ ୮୨୦ ଗ୍ରାମ ବଜ୍ରକାପ୍ତା କାତି ଜବତ ଘଟଣାରେ ଆଉ ଜଣେ ଅଭିଯୁକ୍ତଙ୍କୁ ବନ ବିଭାଗ ଗିରଫ କରିଛି। ସେ ହେଲେ କଳମଗଡ଼ିଆ ଗ୍ରାମର ରାଘବ ସେନାପତି। ଗତ ୧୧ ତାରିଖରେ ଏସ୍‌ଟିଏଫ୍ ଓ ବନ ବିଭାଗ ଗ୍ରାହକ ସାଜି ୧ଲକ୍ଷ ଟଙ୍କାରେ ବଜ୍ରକାପ୍ତା କାତି ବିକ୍ରି କରିବା ପାଇଁ ମୂଲଚାଲ କରୁଥିବା ସୁରେନ୍ ପୂର୍ତ୍ତିଙ୍କୁ ଧରିବାରେ ସଫଳ ହୋଇଥିଲେ। ଏହି ଘଟଣାର ତୃତୀୟ ଅଭିଯୁକ୍ତ ଫେରାର ଥିବା ବେଳେ ତାଙ୍କୁ ଧରିବା ପାଇଁ ବନ ବିଭାଗ ଚଢ଼ାଉ ଜାରି ରଖିଥିବା ରେଞ୍ଜର ମହେଶ୍ୱର ସିଂ କହିଛନ୍ତି। ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୧୩/୨୧) ରୁଜୁ ପରେ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି।

# ପାଣି ପାଇପ୍ ପାଇଁ ରାସ୍ତା ଖୋଳିଦେଲେ

**ସାରସକଣା, ୧୩।୬**

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଭୁରୁଷାଣି ପଞ୍ଚାୟତ ଅନ୍ତର୍ଗତ ନୁହାମାଳିଆ ଗ୍ରାମରେ ପାଣି ପାଇପ୍ ବସାଇବା ପାଇଁ ରାସ୍ତା ଖୋଳି ଦିଆଯାଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଉତ୍ୟକ୍ତ ଗ୍ରାମବାସୀ ଠିକା ସଂସ୍ଥାର ଜେସିବିକୁ ଅଟକ ରଖିଥିଲେ।

ପ୍ରକାଶଥାଉକି ବସୁଧା ଯୋଜନାରେ ସାରସକଣା ବ୍ଲକର ଭୁରୁଷାଣି, ଜାଲଦା ଏବଂ ଧାଙ୍ଗୁଡିଶୋଳ ପଞ୍ଚାୟତରେ ଜଳ ଯୋଗାଣ ପାଇଁ ପାଣି ପାଇପ୍ ବସାଇବା କାର୍ଯ୍ୟ ଆରମ୍ଭ ହୋଇଛି। ରବିବାର ଜେସିବି ସାହାଯ୍ୟରେ ମାଟି ଖୋଳା ଯାଉଥିବା ସମୟରେ ତଳେଥିବା ଡ୍ରେନେଜ ପାଇପ ଏବଂ ଗାର୍ଡୱାଲ ଭାଙ୍ଗିଯାଇଥିଲା। ଏନେଇ ସେଠାରେ ଉପସ୍ଥିତ ଥିବା ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଥିଲେ। ଏହି ରାସ୍ତା ମରାମତି ପାଇଁ ଗ୍ରାମବାସୀ ବିଭିନ୍ନ ସମୟରେ ପଞ୍ଚାୟତ ଓ ବ୍ଲକ ପ୍ରଶାସନ ସମେତ ସ୍ଥାନୀୟ ବିଧାୟକଙ୍କୁ ଅବଗତ କରିଥିଲେ ମଧ୍ୟ କେହି ଶୁଣି ନ ଥିଲେ। ଫଳରେ ଗ୍ରାମବାସୀ ଟଙ୍କା ଆଦାୟ କରି ମାଟି ଏବଂ ମୋରମ ପକାଇ ରାସ୍ତା ତିଆରି କରିଥିଲେ। ଖବରପାଇ ଠିକା ସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ସୋମବାର ସୁଦ୍ଧା ସେହି ସ୍ଥାନରେ ରାସ୍ତା ମରାମତି କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଲୋକେ ଅଟକ ରଖିଥିବା ଜେସିବିକୁ ଛାଡ଼ିଥିଲେ।



ଗାଁ ଲୋକଙ୍କ ସହ ଠିକାସଂସ୍ଥା କର୍ମଚାରୀ ଆଲୋଚନା କରୁଛନ୍ତି।

# ତୃତୀୟ କୃଷି ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ଦାବି

**ବାରିପଦା ଅଫିସ, ୧୩।୬**

**ମୟୂରଭଞ୍ଜ ଜିଲା**

ଆଧୁନିକ କୃଷିକାର୍ଯ୍ୟ ପାଇଁ କୃଷି ଭିତ୍ତିକ ଶିକ୍ଷା, ଗବେଷଣା ସହିତ ଚାଷୀଙ୍କୁ ନୂତନ ଜ୍ଞାନ କୌଶଳ ଯୋଗାଇ ଦେବା ଲାଗି ମୟୂରଭଞ୍ଜ ଜିଲାରେ ତୃତୀୟ କୃଷି ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ପାଇଁ ଦାବି ହୋଇଛି। ଏଥିପାଇଁ ଜିଲାର ବେତନଟୀ, ବଡ଼ସାହି, ମୋରଡ଼ା ଓ ରାସଗୋବିନ୍ଦପୁର ବ୍ଲକକୁ ନେଇ ଗଠିତ ଅଣରାଜନୈତିକ ସଙ୍ଗଠନ 'ବିକାଶମଞ୍ଚ' ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଓ ବଡ଼ସାହି ବିଧାୟକଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଛି। ବିକାଶମଞ୍ଚର ଏହି ଦାବିକୁ ଚାଷୀ ମହଲରୁ ସମର୍ଥନ ମିଳୁଛି।

ଜିଲାର ୨୬ ବ୍ଲକରେ ଦୁଇଟି କୃଷି ବିଜ୍ଞାନ କେନ୍ଦ୍ର (କେବିକେ)କାର୍ଯ୍ୟ କରୁଛି। ଏହି ଦୁଇଟି କେବିକେ ଅଧୀନ ୪୦୪ ପଞ୍ଚାୟତର ୩୯୫୦ ରାଜସ୍ୱ ଗ୍ରାମରେ ୩୧୮ହଜାର ହେକ୍ଟର ଚାଷଜମିରୁ ବର୍ଷକୁ ୧,୦୪,୧୫,୪୧୩ କୁଇଣ୍ଟାଲ ଧାନ ଉତ୍ପାଦନ ହେଉଛି। ଏହା ବ୍ୟତୀତ ୧୫,୨୦୯ କୁଇଣ୍ଟାଲ ମକ୍କା, ୪,୦୨୭ କୁଇଣ୍ଟାଲ ମୁଗ, ୧,୩୭୫ କୁଇଣ୍ଟାଲ ବିରି, ୧,୪୪,୧୩ କୁଇଣ୍ଟାଲ ବାଦାମ ଉତ୍ପାଦନ ହେଉଛି। ସେହପରି ଏହିସବୁ ଗ୍ରାମରେ ୭ଲକ୍ଷ ୯୧ହଜାର ୬୩୭ ଗୋ-ମହିଷାଦି, ୧୧ଲକ୍ଷ ୩୨ହଜାର ୪୧୨ଟି ଛେଳି, ୨ଲକ୍ଷ ୯୦ହଜାର ୫୩୨ ମେଣ୍ଢା ଓ ୨୬ଲକ୍ଷ ୫୪ହଜାର ୪୯୬ଟି କୁକୁଡ଼ା ରହିଛନ୍ତି। ବାରିପଦା ନିକଟ ଶାମାଖୁଣ୍ଟାରେ କେବିକେ-୧ ଅଧୀନରେ ୧୪ଟି ବ୍ଲକର ଚାଷୀ ଉପକୃତ ହେଉଥିବା ବେଳେ ଯଶିପୁରରେ ଥିବା ଦ୍ୱିତୀୟ କେନ୍ଦ୍ର (କେବିକେ-୨) ଅଧୀନରେ ୧୨ଟି ବ୍ଲକର ଚାଷୀ ଉପକୃତ ହେଉଛନ୍ତି। ପ୍ରତି ୮ଟି ବ୍ଲକରେ ଏକ କୃଷି ବିଜ୍ଞାନ କେନ୍ଦ୍ର ଖୋଲାଯିବା ସରକାରୀ ନିୟମ ରହିଥିବା ବେଳେ ଜିଲାରେ ଆଉ ଗୋଟିଏ କେନ୍ଦ୍ର ବା କେବିକେ-୩ ପ୍ରତିଷ୍ଠା କରାଗଲେ ଚାଷୀମାନେ ଅଧିକ ଉପକୃତ ହୋଇପାରନ୍ତେ ବୋଲି ଚାଷୀ ଭାଗବତ ପଣ୍ଡା, ଶଶିଧର ସାହୁ, ଲକ୍ଷ୍ମଣ ମହାନ୍ତ କହିଛନ୍ତି।

ସାଧାରଣତଃ ଏପରି କେନ୍ଦ୍ର ପ୍ରତିଷ୍ଠା ପାଇଁ ୨୦ହେକ୍ଟର ବା ୫୦ଏକର ଚାଷଜମି ଆବଶ୍ୟକ । ଭିତ୍ତିଭୂମିକୁ ନେଇ ତୃତୀୟ କେନ୍ଦ୍ର ପ୍ରତିଷ୍ଠା ପାଇଁ ବେତନଟୀ ବ୍ଲକ ବୈଶିଙ୍ଗା ହିଁ ଉପଯୁକ୍ତ ସ୍ଥାନ ବୋଲି ମଞ୍ଚ ପକ୍ଷରୁ ଦର୍ଶାଯାଇଛି । କାରଣ ଏଠାରେ ପ୍ରାୟ ୫୦ଏକର ଜାଗାରେ ସରକାରୀ କୃଷିଫାର୍ମ ରହିଛି । ବେତନଟୀ ଓ ବଡ଼ସାହି ବ୍ଲକରେ ବର୍ତ୍ତମାନ ପର୍ଯ୍ୟାପ୍ତ ପରିମାଣରେ ମାଛଚାଷ ହେଉଛି। ଗମନାଗମନ ପାଇଁ ଏଠାକୁ ଜାତୀୟ ରାଜପଥ ଓ ରେଳପଥର ସୁବିଧା ରହିଛି। ପ୍ରସ୍ତାବିତ କେବିକେ-୩ ଅଧୀନରେ ବେତନଟୀ, ବଡ଼ସାହି, ମୋରଡ଼ା, ରାସଗୋବିନ୍ଦପୁର, ଗୋପବନ୍ଧୁନଗର, ଖୁଣ୍ଟା, ଉଦଳା ଓ କପ୍ତିପଦା ବ୍ଲକକୁ ଅନ୍ତର୍ଭୁକ୍ତ କରାଯିବା ଲକ୍ଷ୍ୟ ରଖାଯାଇଛି। ଏଥିରେ ୧୫୫ ପଞ୍ଚାୟତ ଅଧୀନ ୧୩୦୫ ରାଜସ୍ୱ ଗ୍ରାମର ୨ଲକ୍ଷ ୫ହଜାର ୬୩୦ ପରିବାରର ୮୦ହଜାର ୯୮୯ଜଣ ଚାଷୀ ଓ ୨ଲକ୍ଷ ୧୫ହଜାର ୯୧୨ କୃଷି ଶ୍ରମିକ ସିଧାସଳଖ ଉପକୃତ ହେବେ ବୋଲି ଦାବିପତ୍ରରେ ଦର୍ଶାଯାଇଛି। ଏଥିପାଇଁ ବିକାଶମଞ୍ଚ ପକ୍ଷରୁ ସମସ୍ତ ତଥ୍ୟ ଓ ପ୍ରମାଣ ସଂଲଗ୍ନ ଦାବିପତ୍ର କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଓ ବୈଶିଙ୍ଗା ବିଧାୟକ ସନାତନ ବିଜୁଳିଙ୍କୁ ପ୍ରଦାନ କରାଯାଇଛି। ଜିଲାରେ ବଳକା ବ୍ଲକ ରହିଥିବା ବେଳେ ଆଉ ଗୋଟିଏ ଅତିରିକ୍ତ କୃଷି ବିଜ୍ଞାନକେନ୍ଦ୍ର ପ୍ରତିଷ୍ଠା କରିବାରେ କୌଣସି କଟକଣା ନାହିଁ ବୋଲି ମଞ୍ଚର ଆବାହକ ହରିଶଚନ୍ଦ୍ର ନନ୍ଦଗୋସ୍ୱାମୀ ପ୍ରକାଶ କରିଛନ୍ତି।

